ଚତୁର ବୀରବଲ

କିଶୋର ଚନ୍ଦ୍ର ସାହୁ

Digitized by srujanika@gmail.com

ଚତୁର ବୀରବଲ

(ପ୍ରଥମ ଭାଗ)

କିଶୋର ଚନ୍ଦ୍ର ସାହୁ (ଆକାଶ୍)

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ଚତୁର ବୀରବଲ (ପ୍ରଥମ ଭାଗ)
ଲେଖକ: **କିଶୋର ଚନ୍ଦ୍ର ସାହୁ** (ଆକାଶ)
ୟୁକୋ ବ୍ୟାଙ୍କ
ବ୍ରହ୍ମପୁର-୭୬୦ ୦୦୨
ପ୍ରକାଶକ: **ଶ୍ରୀ ବିଜୟ ଶଙ୍କର ପାତ୍ର**
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୭୫୩ ୦୦୨
ପ୍ରଥମ ପ୍ରକାଶ : **ନବବର୍ଷ, ୨୦୦୦**
ପ୍ରଚ୍ଛଦ : **ବିଜୟ ପ୍ରଧାନ**
ଅକ୍ଷରସଜ୍ଜା
କଂପ୍ୟୁଟର ଟ୍ରିକ୍, କଟକ-୧୨
ମୁଦ୍ରଣ
ପଞ୍ଚସଖା ଅଫସେଟ୍, କଟକ-୮

CHATURA BIRBAL
(PART-I)
By
Kishore Chandra Sahu(Akash)
Published by
Sri Bijoy Shankar Patra
ORISSA BOOK STORE
Binode Behari
Cuttack -753 002
1st Edition : **2000**

PRICE : Rs. 10/-
ISBN 81-7400-214-6

ସୂଚୀ

୧.	ରାଣୀଙ୍କ ପ୍ରସ୍ତାବ	୧
୨.	ରାଜାଙ୍କ ଶୁଆ	୫
୩.	ଜଙ୍ଗଲର ଗଛ	୯
୪.	ପୁନେଇଁ ଜହ୍ନ	୧୨
୫.	ନିର୍ବାସନ	୧୬
୬.	ସାଞ୍ଜୁର ଶକ୍ତି	୧୯
୭.	ଅସାଧୁ ବ୍ୟବସାୟୀ	୨୩
୮.	ସାଧୁ ବଣିଆ	୨୭

❑❑❑

Digitized by srujanika@gmail.com

ରାଣୀଙ୍କ ପ୍ରସ୍ତାବ

ବୀରବଲଙ୍କୁ ରାଜା ଆକବର ଓ ପ୍ରଜାଗଣ ଖୁବ୍ ଭଲ ପାଉଥିଲେ । ଶ୍ରଦ୍ଧା ବି କରୁଥିଲେ । ଏହାଦେଖି ରାଜସଭାର ଅନ୍ୟ ପାରିଷଦମାନେ ଈର୍ଷାରେ ଜଳିବାକୁ ଲାଗିଲେ । ସେମାନେ ଠିକ୍ କଲେ କିପରି ବୀରବଲଙ୍କୁ ଏ ରାଜ୍ୟରୁ ତଡ଼ିଦେବେ ।

କିନ୍ତୁ ବୀରବଲ ଭଳି ଜଣେ ଚତୁର ଲୋକଙ୍କୁ ତଡ଼ିବା କ'ଣ ଏତେ ସହଜ ? ତଥାପି ବହୁତ ବିଚାର ଆଲୋଚନା ପରେ ସେମାନଙ୍କ ଭିତରୁ ଜଣେ କହିଲା ଯେ ରାଣୀଙ୍କର ଜଣେ ଭାଇ ତ ବହୁତ ସମୟ ଶିକାର

Digitized by srujanika@gmail.com

କରିବାରେ ଓ ନୂଆ ଲୁଗା ପିନ୍ଧିବାରେ ସମୟ ନଷ୍ଟ କରୁଛନ୍ତି । ତାଙ୍କୁ, ବୀରବଲଙ୍କ ସ୍ଥାନରେ ନିଯୁକ୍ତି ଦେବାକୁ ରାଣୀଙ୍କୁ ପ୍ରସ୍ତାବ ଦେବା ଚାଲ ।

ସମସ୍ତେ ଏକଥା ରାଣୀଙ୍କୁ ଯାଇ କହିଲେ । ଏହାଶୁଣି ରାଣୀ ବହୁତ ଖୁସିହେଲେ ।

ସଙ୍ଗେ ସଙ୍ଗେ ରାଣୀ ଏ ପ୍ରସ୍ତାବ ଚାକର ଦ୍ୱାରା ଆକବରଙ୍କୁ ଜଣାଇ ଦେଲେ ଯେ, ଯଦି ତାଙ୍କରି ଭାଇଙ୍କୁ ବୀରବଲଙ୍କ ସ୍ଥାନରେ ନିଯୁକ୍ତି ଦିଆ ନ ଯାଏ, ତେବେ ସେ ଖାଇବେ ନାହିଁ କି, ଶୋଇବେ ନାହିଁ ।

ଏ ଖବର ପାଇ ଆକବର ବଡ଼ ଅଡୁଆରେ ପଡ଼ିଲେ । ସେ ଭଲ ଭାବେ ଜାଣିଥିଲେ ରାଣୀ ଖୁବ୍ ଜିଦ୍‌ଖୋରୀ । ତାଙ୍କୁ ରଗାଇବା ଠିକ୍ ନୁହେଁ । ତେଣୁ ସେ ରାଣୀଙ୍କ ନିକଟକୁ ସଙ୍ଗେ ସଙ୍ଗେ ଗଲେ । ତାଙ୍କୁ ବୁଝାଇଲେ - ବୀରବଲ ରାଜସଭାର ସବୁଠୁଁ ଭଲ ପାରିଷଦ । ସେ ତ କିଛି ଭୁଲ କରି ନାହାନ୍ତି । ମୁଁ କେମିତି ତାଙ୍କୁ ତଡ଼ିଦେବି ?

ରାଣୀ କିଛି ଶୁଣିଲେନି । ସେ ନିଜ ଜିଦ୍‌ରେ ଅଟଳ ରହିଲେ । ଶେଷରେ ଆକବର ରାଣୀଙ୍କ କଥାରେ ନିଜ ଅନିଚ୍ଛା ସତ୍ତ୍ୱେ ରାଜି ହେଲେ । କିନ୍ତୁ କହିଲେ ''ସାବଧାନ୍ ! ବୀରବଲ ବଡ଼ ଚାଲାକ । ତୁମକୁ ସେ ସହଜରେ ହରାଇଦେବ ।''

ରାଣୀ ହସିଦେଇ କହିଲେ - 'ଅସମ୍ଭବ ।'

ତାପରେ ରାଣୀ ସେଇ ପାରିଷଦମାନଙ୍କୁ ହିଁ ବୀରବଲଙ୍କ ପାଖକୁ ପଠାଇଲେ ।

ସେମାନେ ବୀରବଲଙ୍କ ପାଖକୁ ଯାଇ କହିଲେ ଯେ, -''ରାଜା ଓ ରାଣୀଙ୍କ ଭିତରେ ଭୀଷଣ କଳି ହୋଇଛି । ଆପଣ ହିଁ ଏକମାତ୍ର ବ୍ୟକ୍ତି ଯିଏ କି ଏ କଳି ତୁଟାଇ ପାରିବେ । ତେଣୁ ରାଣୀମା ଡାକୁଛନ୍ତି ଶୀଘ୍ର ଆସନ୍ତୁ ।''

Digitized by srujanika@gmail.com

ବୀରବଲ ଏହା ଶୁଣି ଭାବିଲେ ଯେଉଁ ପାରିଷଦମାନେ ତାଙ୍କୁ ସବୁବେଳେ ଘୃଣା ଆଉ ଈର୍ଷା କରନ୍ତି, ସେମାନେ ଆଜି କେମିତି ତାଙ୍କରି ପ୍ରଶଂସା କରୁଛନ୍ତି । ଏହା ଭିତରେ ନିଶ୍ଚୟ କିଛି ରହସ୍ୟ ଅଛି ।

ତା'ପରେ ମୁରୁକି ହସି କହିଲେ- ''ରାଣୀଙ୍କୁ କହିଦେବ ମୁଁ ସଙ୍ଗେ ସଙ୍ଗେ ଯାଉଛି ।''

ବୀରବଲ ରାଣୀଙ୍କ ଉଆସକୁ ବାହାରିବା ପୂର୍ବରୁ ନିଜ ଘରର ଚାକରକୁ ଡାକି କହିଲେ- ''ମୁଁ ରା!ଣୀଙ୍କ ସହିତ କଥା ହେବା ସମୟରେ ତୁ ଯାଇ ମୋ.କାନରେ କିଛି ଫୁସ୍ ଫୁସ୍ କରି କହିବୁ ଓ ଶୀଘ୍ର ଚାଲି ଆସିବୁ ।''

ଚାକରଟି ଠିକ୍ ସେମିତି କଲା । ତା ପରେ ବୀରବଲ୍‌ଙ୍କ ମୁହଁ ଶୁଖିଗଲା ଭଳି ଦିଶିଲା ।

ରାଣୀ ଏସବୁ ଦେଖି ଅଧୈର୍ଯ୍ୟ ହୋଇ ପଚାରିଲେ ଯେ ଚାକର ତାଙ୍କୁ କ'ଣ କହିଲା ?

ବୀରବଲ ସେ କଥା କହି ପାରିବିନି ବୋଲି କହିବାରୁ ରାଣୀ ରାଗିଗଲେ ।

ବୀରବଲ ମନଦୁଃଖରେ କହିଲେ- ''ରାଣୀମା ! ଆପଣ ଯେତେବେଳେ ବାଧ୍ୟ କରୁଛନ୍ତି ତେବେ ଶୁଣନ୍ତୁ । ରାଜା ମତେ ଡକେଇ ପଠେଇଛନ୍ତି । ସେ ଆପଣଙ୍କୁ ଆଉ ପସନ୍ଦ କରୁ ନାହାନ୍ତି । ଆପଣଙ୍କୁ ତଡ଼ି ଦେବାପାଇଁ ଠିକ୍ କରିଛନ୍ତି । ହେଲେ କେମିତି ତଡ଼ିବେ ଉପାୟ ପାଉ ନାହାନ୍ତି ।''

ଏକଥା ଶୁଣି ରାଣୀ ଚମକି ଉଠିଲେ ଓ କାନ୍ଦି କାନ୍ଦି କହିଲେ ''ଆପଣ ନିଜେ ଯାଇ ମତେ ନ ତଡ଼ିବା ପାଇଁ ରାଜାଙ୍କୁ ବୁଝାନ୍ତୁ । ମୁଁ ନିଜେ ଯିବି ତାଙ୍କୁ କହିବାକୁ । ଆପଣ ଯାହା କହିବେ ସେ ତାହା ନିଶ୍ଚୟ ଶୁଣିବେ ।''

Digitized by srujanika@gmail.com

ବୀରବଲ କହିଲେ- ''ଆପଣଙ୍କର ଯିବା ଦରକାର ନାହିଁ । ମୁଁ ଏକା ଯାଇ ସବୁ ଠିକ୍ ଠାକ୍ କରିଦେବିନି ।



କିନ୍ତୁ ରାଣୀ ନିଜେ ଆକବରଙ୍କ ପାଖକୁ ଯାଇ ତାଙ୍କରି ଗୋଡ଼ ଧରି କାନ୍ଦିଲେ । ତାଙ୍କୁ ନ ତଡ଼ିଦେବା ପାଇଁ କାକୁତି ମିନତି ହେଲେ ।

ରାଜା ଏସବୁ ଶୁଣି ଆଶ୍ଚର୍ଯ୍ୟ ହେଲେ । କହିଲେ- ସେ ତ ରାଣୀଙ୍କୁ ତଡ଼ିଦେବା ପ୍ରଶ୍ନ ହିଁ ଉଠାଇ ନାହାନ୍ତି, ବରଂ ରାଣୀ ବୀରବଲଙ୍କୁ ତଡ଼ି ଦେବାକୁ ଜିଦ୍ କରୁଥିଲେ ।

ହଠାତ୍ ରାଣୀ କାନ୍ଦି କାନ୍ଦି କହିଲେ- ''ନା ନା ବୀରବଲ ଖୁବ୍ ଭଲ ମଣିଷ । ତାଙ୍କରି ଯୋଗୁଁ ମୁଁ ରାଜାଙ୍କର ମନ କଥା ଠିକ୍ ସମୟରେ ଜାଣି ପାରିଲି ।''

ରାଜା ହସି ହସି ଗଡ଼ିଗଲେ । ରାଣୀଙ୍କୁ କାନ୍ଦିବାକୁ ମନା କରି କହିଲେ, ସେ ରାଣୀଙ୍କୁ ତଡ଼ିବାକୁ ବୀରବଲଙ୍କୁ ଜମା କହି ନାହାନ୍ତି । ଏହା କେବଳ ବୀରବଲଙ୍କ ବୁଦ୍ଧିର କରାମତି । □□□

Digitized by srujanika@gmail.com

ରାଜାଙ୍କ ଶୁଆ

ଚତୁର ବୀରବଲ ନିଜର ଚତୁର ପଣିଆରେ ସମସ୍ତଙ୍କୁ ତ ବୋକା ବନେଇ ଦେଉଥିଲେ । ହସେଇ ହସେଇ ବେଦମ୍ କରୁଥିଲେ । ତା'ଛଡ଼ା ନିଜର ଉପସ୍ଥିତ ବୁଦ୍ଧି ଦ୍ୱାରା ଲୋକଙ୍କୁ ମଧ୍ୟ ମୃତ୍ୟୁ ମୁଖରୁ ରକ୍ଷା ବି କରିପାରୁଥିଲେ । ସେଇଭଳି ଏକ ଘଟଣା ଇଏ ।

ଥରେ ଗୋଟିଏ ଚାଷୀ ଆକବରଙ୍କୁ ଶୁଆଟିଏ ଆଣିଦେଲା । ଶୁଆଟିକୁ ସେ ତା' ଜମିରୁ ଧରିଥାଏ । ଶୁଆଟିକୁ ସୁସୁରି ବଜାଇବା, ଗାଇବା ଓ କଥା କହିବା ସେ ଶିଖାଇ ଥାଏ । ସେ ଏଥିପାଇଁ ଖୁବ୍ ଗର୍ବ ଅନୁଭବ କରୁଥିଲା ।

Digitized by srujanika@gmail.com

ଚାଷୀଟି ରାଜାଙ୍କୁ କହିଲା- ଛାମୁ ! ଏଇ ଶୁଆଟି ଆପଣଙ୍କର ଦରବାରର ଯେ କୌଣସି ପାରିଷଦଠାରୁ ଭଲ କଥା କହିବ । ତେଣୁ ଏହାକୁ ମୋର ଏକ ଉପହାର ରୂପେ ଗ୍ରହଣ କରନ୍ତୁ ।

ଆକବର ଏହା ଶୁଣି ଖୁବ୍ ଆନନ୍ଦିତ ହେଲେ । ସେ ଉଆସର ସବୁ ପିଲାମାନଙ୍କୁ ଡାକି ଶୁଆଟିକୁ ଦେଖାଇଲେ । ସେମାନେ ଶୁଆକୁ ବିଭିନ୍ନ ମିଠା ଫଳ ଓ କୋଳି ଖାଇବାକୁ ଦେଲେ । ତା'ପରେ ରାଜା ଗୋଟିଏ ରୂପାର ପଞ୍ଜୁରୀ ପାଇଁ ଆଦେଶ ଦେଲେ । ଦୁଇଜଣ ଚାକରଙ୍କୁ ଡାକି କହିଲେ- ''ତୁମେ ଦିଜଣ ଏଇ ଶୁଆର ଭଲମନ୍ଦ ଦେଖିବ । ଏହାର ଭଲ ଭାବେ ଯତ୍ନନେବ । ଯିଏ ଏ ଶୁଆର ମୃତ୍ୟୁ ଖବର ମତେ ଦେବ, ମୁଁ ତାକୁ ମୃତ୍ୟୁ ଦଣ୍ଡ ଦେବି ।''

ଚାକର ଦୁଇଟି ରାଜାଙ୍କର ଏ କାମକୁ ଜମା ପସନ୍ଦ କଲେନି; ହେଲେ ରାଜା ଗୋଜା ଯାହା ବୁଝିଥିବେ ସେୟା । ତାଙ୍କୁ ବୁଝାଇବ କିଏ ? କଥାରେ ଅଛି - ''ସରଗକୁ ନିଶୁଣି ନାହିଁ କି ବଡ଼ ଲୋକକୁ ଉତ୍ତର ନାହିଁ ।''

ବିଚରା ଗରିବ ଚାକର ଦୁଇଟି କାନମୁଣ୍ଡ ଆଉଁଷି ଚୁପ୍ ରହିଲେ । ସକାଳୁ ଉଠିଲେ ପ୍ରଥମେ ଧାଇଁ ଯାଇ ଦେଖନ୍ତି- ଶୁଆଟି ବଞ୍ଚିଛି ନା ନାହିଁ । ଏପରିକି ସେମାନେ ଖାଇବା ବେଳେ ବି ଭାବନ୍ତି ଯେ ଏଇ ସମୟରେ ଯଦି ଶୁଆଟି ମରିଯାଏ ତେବେ ସେମାନଙ୍କର ଅବସ୍ଥା କ'ଣ ହେବ ? ତେଣୁ ସେମାନେ ଖିଆ ଅଧାଛାଡ଼ି ଶୁଆ ପାଖକୁ ଚାଲିଯାଆନ୍ତି ।

ସେମାନଙ୍କର ସମସ୍ତ ଯତ୍ନ ଓ ସତର୍କତା ସତ୍ତ୍ୱେ, କେଜାଣି କେମିତି ଦିନେ ଶୁଆଟି ମରିଗଲା ।

ଚାକର ଦୁହେଁ ପଞ୍ଜୁରୀ ପାଖରେ ବସି ଅପେକ୍ଷା କଲେ

Digitized by srujanika@gmail.com

କେତେବେଳେ ଶୁଆଟି ଉଠିବ ପରା । ଶୁଆ ତ ମରିଛି । କଣ କରିବେ ଏବେ ? ଏ ଖବର ରାଜାଙ୍କୁ କିଏ ଦେବ ! ରାଜା ତ ସଙ୍ଗେ ସଙ୍ଗେ ତାକୁ ମାରିଦେବେ ।

ଶେଷରେ ସେମାନଙ୍କ ଭିତରୁ ଜଣେ କହିଲା, ବୀରବଲଙ୍କ ଛଡ଼ା ଆଉ କେହି ବି ଆମକୁ ଏ ବିପଦରୁ ରକ୍ଷା କରିପାରିବେନି ।

ସେମାନେ ଯାଇ ବୀରବଲଙ୍କୁ ସମସ୍ୟାଟି କହିଲେ ।

ବୀରବଲ ଏହା ଶୁଣି ଖୁବ୍ ମନ ଦୁଃଖ କଲେ । ତାପରେ ଏପରି ନୃଶଂସ ଦଣ୍ଡ ପାଇଁ ରାଗିଲେ ମଧ୍ୟ । କହିଲେ- ''ହେଉ ମୋ ଉପରେ ସବୁ ଛାଡ଼ିଦେଇ ତୁମେ ଯାଅ । ମୁଁ ଏହା ଉପରେ କିଛି ଗୋଟାଏ ବ୍ୟବସ୍ଥା ନିଶ୍ଚୟ କରିବି ।''

କିଛି ସମୟ ପରେ ବୀରବଲ ଆକବରଙ୍କ ନିକଟକୁ ଯାଇ କହିଲେ- ''ଆପଣଙ୍କ ପାଇଁ ଗୋଟାଏ ଦୁଃସମ୍ବାଦ ଅଛି । ଆପଣଙ୍କର ପ୍ରିୟ ଶୁଆଟି ଆଉ ଖାଉନି କି ପିଉନି । ପଞ୍ଜୁରୀରେ ଦୋଳି ଖେଳୁନି କି ସୁସୁରି ବଜାଉନି- କଥା ବି କହୁନି । ଆଖି ବନ୍ଦ କରି ଶୋଇ ରହୁଛି । ମୁଁ ଭାବୁଛି ସେ ଯୋଗୀ ହୋଇ ତପସ୍ୟା କରୁଛି ।''

ଦୁହେଁ ମିଶି ପଞ୍ଜୁରୀ ପାଖକୁ ଗଲେ । ଆକବର ଆଶ୍ଚର୍ଯ୍ୟ ହୋଇ କହିଲେ- '' ବୀରବଲ ! ତୁମେ ବୋକା ଭଳି କଥା କହୁଛ ଯେ, ସେ ଯୋଗୀ ସାଜି ତପସ୍ୟା କରୁଛି । ସେ ପରା ମରିଗଲାଣି ।''

ବୀରବଲ କହିଲେ- ''ଛାମୁ ଆପଣହିଁ ସେ କଥା କହି ପାରିବେ ।'

ଆକବର ଆହୁରି ବିବ୍ରତ ହୋଇ କହିଲେ-'ତୁମେ କ'ଣ କହୁଛ ?'

ବୀରବଲ ରାଜାଙ୍କୁ ପୂର୍ବର ଆଦେଶ ମନେ ପକାଇଦେଇ କହିଲେ ଆପଣ କହିଥିଲେ ଯେ ଯିଏ ଶୁଆର ମୃତ୍ୟୁ ଖବର ଆଣିଦେବ, ତାକୁ

Digitized by srujanika@gmail.com

ମୃତ୍ୟୁ ଦଣ୍ଡ ଦିଆଯିବ । ତେଣୁ ଚାକରମାନେ ଆପଣଙ୍କ ନିକଟକୁ ଆସି ଖବର ଦେବାକୁ ଖୁବ୍ ଭୟ କରୁଥିଲେ ।

ଆକବର ଖୁବ ଖୁସି ହେଲେ । ଯା ହେଉ ବୀରବଲ ନିଜର ଚତୁର ପଣିଆରେ ଦୁଇଟି ନିରୀହ ଚାକରଙ୍କର ଜୀବନ ରକ୍ଷା କଲେ । ରାଜା କହିଲେ- 'ବୀରବଲ, ମୁଁ ବେଳେ ବେଳେ ବୋକାମୀ କଥା କହେ । କିନ୍ତୁ ମୁଁ ଆଜି ଖୁସି ଯେ ତୁମେ ମତେ ବୋକା ବନିଯିବାରୁ ରକ୍ଷା କରିଦେଲ ।

□□□

Digitized by srujanika@gmail.com

ଜଙ୍ଗଲର ଗଛ

ଥରେ ଆକବର ଆଉ ବୀରବଲ ଗୋଟିଏ ଗାଁ ଦେଇ ଯାଉଥିଲେ । ଆକବର ଦେଖିଲେ -ଗ୍ରାମବାସୀମାନେ ଏତେ ସକାଳୁ ଉଠି ନାନା ପ୍ରକାର କାମରେ ବ୍ୟସ୍ତ ଅଛନ୍ତି । ଜଣେ ସ୍ତ୍ରୀଲୋକ କୂଅରୁ ପାଣି କାଢ଼ି ଗୋଟିଏ ବଡ଼ ମାଠିଆରେ ନେଉଛି ତ ଆଉ ଜଣେ ବୁଢ଼ୀ ଜାଳେଣି କାଠ ମୁଣ୍ଡରେ ଧରି ବଡ କଷ୍ଟରେ ଚାଲୁଛି । ଚାଷୀମାନେ ଦିନସାରା ପ୍ରଚଣ୍ଡ ଖରାରେ କାମ କରିବା ପାଇଁ ସଜ ହେଉଛନ୍ତି ।

ଏସବୁ ଦେଖି ଆକବର ଦୁଃଖରେ କହିଲେ- ''ଆଉ ଟିକିଏ ପରେ ଜୋରରେ ଖରା ହେବ । ଏମାନେ କେତେ କଷ୍ଟରେ କାମ କରିବେ । କାମ ଶେଷରେ ଖୁବ୍ କମ୍ ମଜୁରୀ ପାଇବେ । ଯେଉଁଥିରେ କି ଅନ୍ନ ଖାଦ୍ୟ ହିଁ ମିଳିବ । ବେଳେବେଳେ ଏମାନଙ୍କ ଫସଲ ହାନି ହେବ । ସେମାନେ ଭୋକରେ ରହିବେ । କି ଭୟଙ୍କର ଜୀବନ ଇଏ ।''

ହଠାତ୍ ଆକବରଙ୍କ ମନ ବଦଳିଗଲା । ସେ ରାଗିଯାଇ କହିଲେ- କଥା କହିବା ବୃଥା । ମୁଁ ନିଶ୍ଚୟ କାମ ଦ୍ୱାରା ଏହା ପ୍ରମାଣ କରିବି । ଉଆସରେ ପ୍ରତ୍ୟେକ ଲୋକ ଆଜିଠାରୁ ନିଜ ନିଜର କାମ କରିବେ । ମୋ ରାଣୀମାନଙ୍କୁ ବି ସେମାନଙ୍କର ନିଜ ନିଜର କାମ କରିବାକୁ ହେବ । ସେମାନେ ଅତି ସୁସ୍ଥ ଓ ସବଳ । ଯଦି ଏହି ଗାଉଁଲି ସ୍ତ୍ରୀମାନେ ଅଖିଆ ଅପିଆ ପେଟରେ କାମକରି ପାରୁଛନ୍ତି, ତା'ହେଲେ ଉଆସରେ ସ୍ତ୍ରୀମାନେ କାହିଁକି କରିବେନି ? ଆଶ୍ଚର୍ଯ୍ୟ ଲାଗୁଛି ନିଜର ମୁଣ୍ଡ କୁଣ୍ଡାଇବା, ଲୁଗା ପିନ୍ଧିବା ପାଇଁ ବି ସେମାନେ ଅକ୍ଷମ । ମୁଁ ଏଇ ସ୍ତ୍ରୀମାନଙ୍କୁ ଉଚିତ୍ ଶିକ୍ଷା ଦେବି ।

ବୀରବଲ ରାଜାଙ୍କର ମନକଥା ବୁଝି ପାରିଲେ । ହେଲେ ଏହାଦ୍ୱାରା ଉଆସର ରାଣୀ ଓ ରାଜକୁମାରୀ ଅସୁବିଧା ଭୋଗିବେ । ରାଗିବେ ।

Digitized by srujanika@gmail.com

ସତକୁ ସତ ଏହା ଶୁଣି ସେମାନେ ରାଗିଲେ। କିନ୍ତୁ ଆକବରଙ୍କୁ ଡ଼ରି କେହି ପ୍ରତିବାଦ କରି ପାରିଲେନି।

ଶେଷରେ ରାଜକୁମାରୀଗଣ ବୀରବଲଙ୍କୁ ଡକାଇ ପଠାଇଲେ। ତାଙ୍କୁ କହିଲେ- ଆମେ କ'ଣ ନିଜ ମୁଣ୍ଡ ନିଜେ କୁଣ୍ଡାଇ ପାରିବୁନି କି ? କିନ୍ତୁ ଏକା ଏକା କିଛି କଥାବାର୍ତ୍ତା ନ କରି ମୁଣ୍ଡ କୁଣ୍ଡାଇବା, ଆଉ ରହିବା ବଡ଼ ବିରକ୍ତିକର। ତା'ଛଡ଼ା ଅନ୍ୟ ରାଜ୍ୟର ଲୋକେ ଏହାଶୁଣି ହସିବେନି ?

ବୀରବଲ ମନ ଦୁଃଖରେ କହିଲେ- ମୁଁ ଯେତିକି ପାରିବି ସେତିକି ନିଶ୍ଚୟ କରିବି। ମନେ ମନେ ଭାବିଲେ- ସେମାନେ ତ ତାଙ୍କରି ଜୀବନରେ କେବେ କିଛି କାମ କରିନାହାନ୍ତି। ଏବେ କେମିତି କରିବେ ଯେ ?

କିଛିଦିନ ବୀରବଲ ଚିନ୍ତା କଲେ, କିପରି ଆକବରଙ୍କୁ ଉଆସର ସ୍ତ୍ରୀମାନଙ୍କ ସମସ୍ୟା ଜଣାଇବେ।

ଦିନେ ମାଳୀକୁ ଡାକି କହିଲେ ଆଜିଠାରୁ ରାଜାଙ୍କର ପ୍ରିୟ ଗୋଲାପ ଗଛରେ ପାଣି ଦେବା ବନ୍ଦ କରିଦେ।

ମାଳୀଟି ଡରିଯାଇ ଥରି ଥରି କହିଲା, ତା ହେଲେ ତ ରାଜା ତାକୁ ଶାସ୍ତି ଦେବେ।

ବୀରବଲ ମାଳୀକୁ ଭୟ ନ କରିବାକୁ କହିଲେ। ସେ ତାକୁ ରକ୍ଷା କରିବେ। ତେଣୁ ସେ ଯାହା କହୁଛନ୍ତି,ତାହା କରିବାକୁ ଇଙ୍ଗିତ ଦେଲେ।

ଏମିତି କିଛିଦିନ ବିତିଗଲା। ଦିନେ ଆକବର ଦେଖିଲେ ଗୋଲାପ ଗଛଗୁଡ଼ିକ ଝାଉଁଳି ଯାଇଛି। ଗଛଗୁଡ଼ିକୁ ପାଖରୁ ଦେଖିଲା ପରେ ଜାଣିଲେ ପାଣି ବିନା ଗଛ ମରି ଯାଉଛି।

ଆକବର ଭୀଷଣ ରାଗିଗଲେ। ମାଳୀକୁ ଡକେଇ ପଠେଇଲେ।

ମାଳୀ ଆସିଲା। ଆକବର ଗୋଲାପ ଗଛ ବିଷୟରେ ଅଭିଯୋଗ କଲେ।

Digitized by srujanika@gmail.com

ବୀରବଲ କହିଲେ- 'ଗୋଲାପ ଗଛ ଗୁଡ଼ିକ ଦ୍ୱାରା ଅନେକ ସମୟ ବରବାଦ ହେଉଛି । ଏ ଗଛଗୁଡାକୁ ବି ବେଶି ଯତ୍ନ ଦରକାର । ଜଙ୍ଗଲର ଗଛ ଗୁଡ଼ାକୁ ଦେଖୁ ନାହାନ୍ତି, କେହି କ'ଣ ତାର ଯତ୍ନ ନିଅନ୍ତି ? ତଥାପି ସେ ଗଛଗୁଡ଼ାକ କି ସୁନ୍ଦର , ବଡ଼ ହୋଇ ଆମକୁ ଛାଇ ପ୍ରଦାନ କରନ୍ତି ।

ଆକବର ଅଧୈର୍ଯ୍ୟ ହୋଇ କହିଲେ - କ'ଣ ହେଲା; ତମେ ବୋକା ନା କ'ଣ ? ଏ ସୁନ୍ଦର ଗୋଲାପ ଗଛ ସହ ତୁମେ ଜଙ୍ଗଲର ଅଦରକାରୀ ଗଛଗୁଡ଼ାକୁ ତୁଳନା କରୁଛ ?

ବୀରବଲ ଚଟାପଟ କହିଲେ - କାହିଁକି କରିବିନି । ଆପଣତ ଉଆସର ରାଜକୁମାରୀଙ୍କ ସହ ଗାଆଁର ସ୍ତ୍ରୀଲୋକମାନଙ୍କୁ ତୁଳନା କରି ପାରିଲେ । ଯେଉଁମାନେ କି ଜନ୍ମରୁ କାମ କରିଆସୁଛନ୍ତି ।

ଆକବର ହସି ହସି କହିଲେ- ''ହେଉ ମୁଁ ଏବେ ହାରିଲି । ଉଆସରେ ପୂର୍ବ ପରି ଚାକର ଚାକରାଣୀ ରହନ୍ତୁ ମୋର ଆପତ୍ତି ନାହିଁ ଆଉ ।''

ବୀରବଲ ହସୁଥିଲେ ବିଜୟରେ । ❑❑❑

Digitized by srujanika@gmail.com

ପୁନେଇଁ ଜହ୍ନ

ଆମଦେଶରେ ସେତେବେଳେ ମୋଗଲ ରାଜତ୍ୱ ଚାଲିଥାଏ । ସବୁବେଳେ ରାଜପଦ ପାଇଁ ଯୁଦ୍ଧ ହେଉଥାଏ । ଏଇ ସମୟରେ ଆକବରଙ୍କ ଜନ୍ମ ହେଲା । ଶତ୍ରୁଭୟରେ ତାଙ୍କର ବାପା ମା ଅନ୍ୟ କେତେକ ବିଶ୍ୱସ୍ତ ବନ୍ଧୁଙ୍କୁ ସାଙ୍ଗରେ ନେଇ ସୁଦୂର ପାରସ୍ୟ ରାଜ୍ୟକୁ ଚାଲିଗଲେ । ସେଠାରେ ପିତା ହୁମାୟୁନ, ଆକବରଙ୍କ ଜନ୍ମୋତ୍ସବ ପାଳନ କଲେ । ସବୁ ବନ୍ଧୁମାନଙ୍କୁ ସେ ଗୋଟିଏ ଲେଖାଏଁ କସ୍ତୁରୀ ଉପହାର ଦେଲେ । ଆନନ୍ଦରେ କହିଲେ - ''ମୁଁ ଆଶାକରେ ମୋ ପୁଅ

ଦିନେ ସାରା ପୃଥିବୀରେ ନାଁ କରିବ । ଠିକ୍ ଯେପରି ଆଜି ଏଇ କସ୍ତୁରୀର ବାସ୍ନା ବାୟୁମଣ୍ଡଳରେ ଖେଳି ଯାଉଛି । ମୁଁ ତା ନାଁ ଆକବର ଦେଲି, ଯାହାର ଅର୍ଥ ଅତି ବଡ଼ । ମୋର ବିଶ୍ୱାସ ସେ ଦିନେ ନିଶ୍ଚୟ ଅତି ବଡ଼ ସମ୍ରାଟ ହେବ ।''

Digitized by srujanika@gmail.com

ସତକୁ ସତ ଦିନେ ଆକବର ଜଣେ ବିରାଟ ସମ୍ରାଟ ହେଲେ । ଜଣେ ଅସାଧାରଣ ମଣିଷ ହିସାବରେ ନାଁ କଲେ । ସେ ଘୋଡାଚଢ଼ା, ପାଣିରେ ପହଁରିବା, ଖଣ୍ଡା, ଢ଼ାଲ, ଧନୁଶର ଚଳାଇବା ସବୁ ବିଦ୍ୟାରେ ପାରଙ୍ଗମ ଥିଲେ । ସେ ଯୁଦ୍ଧ କରି ଅନେକ ନୂତନ ରାଜ୍ୟ ଦଖଲ କଲେ । କିନ୍ତୁ ସେ ଚିତ୍ରକାମ, କବିତା ଓ ସଙ୍ଗୀତକୁ ଖୁବ୍ ଆଦର କରୁଥିଲେ । ଚିତ୍ରଶିଳ୍ପୀ, କବି ଓ ସଙ୍ଗୀତଜ୍ଞମାନଙ୍କୁ ଖୁବ୍ ସମ୍ମାନ ଦେଉଥିଲେ ସେ ।

ପାରସ୍ୟର ରାଜା ବିଶାଳ ମୋଗଲ ସାମ୍ରାଜ୍ୟ ସମ୍ପର୍କରେ ଅନେକ ଅଦ୍ଭୁତ କାହାଣୀ, ବ୍ୟବସାୟୀ ଓ ବିଦେଶ ଭ୍ରମଣକାରୀମାନଙ୍କ ଠାରୁ ଶୁଣୁଥିଲେ, କିନ୍ତୁ ସେ ଭିତରୁ କେତେ ସତ ଏ ନେଇ ସନ୍ଦେହରେ ପଡୁଥାନ୍ତି ।

ଶେଷରେ ସେ ଆକବରଙ୍କ ନିକଟକୁ ଜଣେ ଦୂତ ପଠାଇବା ଲାଗି ସ୍ଥିର କଲେ । ସେ ଆକବରଙ୍କ ରାଜ୍ୟ ବିଷୟରେ ସବୁ କିଛି ଜାଣିବାକୁ ଚାହାନ୍ତି । ତେଣୁ ଆକବର ତାଙ୍କ ଦରବାରର ଜଣେ ମନ୍ତ୍ରୀଙ୍କୁ ପଠାନ୍ତୁ ବୋଲି ଖବର ପଠାଇଲେ ।.

ଆକବର ଦୂତଠାରୁ ଏହାଶୁଣି ଖୁବ୍ ଖୁସିହେଲେ । ବୀରବଲ ହିଁ ଏଥିପାଇଁ ଉପଯୁକ୍ତ ବ୍ୟକ୍ତି ଭାବି, ତାଙ୍କୁ ହିଁ ପାରସ୍ୟ ପଠାଇଲେ ।

ପାରସ୍ୟର ରାଜା ବୀରବଲଙ୍କୁ ବିପୁଳ ଅଭ୍ୟର୍ଥନା କଲେ । ଭୋଜି ଭାତ, ନାଚଗୀତ ଅନେକଦିନ ଧରି ଚାଲିଲା । ଦିନେ ପାରସ୍ୟର ରାଜା ବୀରବଲଙ୍କୁ ପଚାରିଲେ- ‘‘ଆପଣ ଅନେକ ରାଜ୍ୟ ବୁଲିଛନ୍ତି । ଅନେକ ରାଜା ବି ଦେଖିଛନ୍ତି । ଅନ୍ୟ ରାଜାଙ୍କ ସହ ମୋର ତୁଳନା କରି କୁହନ୍ତୁ ତ ।’’

ବୀରବଲ ବିନା ସଙ୍କୋଚରେ କହିଲେ- ‘‘ଆପଣ ପୁନେଇଁ ଜହ୍ନ ହେଲେ ଅନ୍ୟ ରାଜାମାନେ ଜୁଳୁଜୁଳିଆ ପୋକ ଭଳି ହେବେ ।’’

ସେଠୁ ପାରସ୍ୟର ରାଜା ପଚାରିଲେ ‘‘ପୁଣି ଆକବରଙ୍କ ସହ ମୋର ତୁଳନା କଲେ’’- ?

Digitized by srujanika@gmail.com

ବୀରବଲ ଟିକିଏ ବି ଦବି ନ ଯାଇ କହିଲେ - ସମ୍ରାଟ ଆକବର ପ୍ରତିପଦାର ଖଣ୍ଡିଆ ଜହ୍ନ।.

ବୀରବଲ ପାରସ୍ୟ ରାଜାଙ୍କୁ ସବିନୟ ଅଭିନନ୍ଦନ ଜଣାଇବା ଖବର ଭାରତରେ ଶୀଘ୍ର ପହଞ୍ଚିଗଲା। ଉପରଲିଖିତ ତୁଳନା ଶୁଣି ଆକବର ଖୁବ୍ ରାଗିଗଲେ।

ଏହାପରେ ବୀରବଲ ନିଜ ଦେଶକୁ ଫେରିଲେ। ପାରସ୍ୟର ରାଜା ପଠାଇଥିବା ମୂଲ୍ୟବାନ ଉପହାରଗୁଡ଼ିକୁ ମଧ୍ୟ ଆକବର ଆଡ଼ ଆଖିରେ ଚାହିଁଲେ ନାହିଁ। ବୀରବଲଙ୍କୁ ଭଲମନ୍ଦ ପଚାରିବା ଦୂରେଥାଉ, ଓଲଟି ରାଗି ଅଭିଯୋଗ କଲେ- "ତମେ ପାରସ୍ୟର ରାଜାଙ୍କୁ ପୂର୍ଣ୍ଣଚନ୍ଦ୍ର କହି ମୋତେ କହିଛ ସାମାନ୍ୟ ଖଣ୍ଡିଆ ଜହ୍ନ। ତୁମ ମୁଣ୍ଡ ଠିକ୍ ଅଛି ତ ? ତମେ ମତେ ଅପମାନ ଦେବା ସଙ୍ଗେ ସଙ୍ଗେ ବିଶ୍ୱାସଘାତକତା ମଧ୍ୟ କରିଛ ।

Digitized by srujanika@gmail.com

ବୀରବଲ ଏହାଶୁଣି ବଡ଼ ଅଡୁଆରେ ପଡ଼ିଲେ । ଆକବରଙ୍କୁ ବୁଝାଇ କିଛି ଲାଭ ନାହିଁ । ସେ ଯେ ପାରସ୍ୟ ରାଜାଙ୍କ ଅତିଥି ହୋଇ ଥିବାରୁ ଏହି ଭଳି ହିଁ ଅଭିନନ୍ଦନ ତାଙ୍କୁ ବାଧ୍ୟ ହୋଇ କରିବାକୁ ପଡ଼ିଥିଲା । ଏକଥା କ'ଣ ରାଜା ବୁଝିବେ ? ଆକବର ଏତେ ରାଗିଯାଇଥିଲେ ଯେ, ସେ କୌଣସି କାରଣ ଶୁଣିବାକୁ ପ୍ରସ୍ତୁତ ନ ଥିଲେ । କିନ୍ତୁ ବୀରବଲଙ୍କ ଉପସ୍ଥିତ ବୁଦ୍ଧି ହିଁ ତାଙ୍କୁ ଏ ବିପଦରୁ ରକ୍ଷା କରିଦେଲା ।

ବୀରବଲ କହିଲେ- ଛାମୁ ମୁଁ ଆପଣଙ୍କୁ ଅପମାନିତ କରିବାପାଇଁ ତାହା କହିନାହିଁ । ମତେ ବିଶ୍ୱାସ କରନ୍ତୁ । ପୁନେଇଁ ଜହ୍ନ ତ ଦିନକୁ ଦିନ ଛୋଟ ହୋଇଯାଏ, କିନ୍ତୁ ପ୍ରତିପଦାର ଖଣ୍ଡିଆ ଜହ୍ନ ଧିରେ ଧିରେ ପ୍ରତିଦିନ ବଢ଼ି ବଢ଼ି ଦିନେ ପୂର୍ଣ୍ଣଚନ୍ଦ୍ର ହୁଏ । ଠିକ୍ ସେମିତି ଆପଣଙ୍କର ଯଶ ଦିନକୁ ଦିନ ବଢ଼ିବାରେ ଲାଗିଛି ତ, ପାରସ୍ୟର ରାଜାଙ୍କର କମି କମି ଯାଉଛି ।

ଆକବର ଏହା ଶୁଣି ଖୁସି ହେଲେ । ବୀରବଲଙ୍କୁ ଅନେକ ପୁରସ୍କାର ଦେଲେ ।

□□□

Digitized by srujanika@gmail.com

ନିର୍ବାସନ

ଥରେ ଆକବର ତାଙ୍କର ଦରବାରରେ ତିନିଜଣ ମନ୍ତ୍ରୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହେଲେ । ସେମାନଙ୍କୁ ନିର୍ବାସନ ଦଣ୍ଡ ଭୋଗିବା ପାଇଁ ଆଦେଶ ଦେଲେ । ପୁଣି ସେମାନଙ୍କୁ ସତର୍କ କରିଦେଇ କହିଲେ ଯେ- ଯଦି ସେମାନେ ପନ୍ଦର ଦିନ ପରେ ତାଙ୍କରି ରାଜ୍ୟରେ କେଉଁଠି ବି ଦେଖାଯାଆନ୍ତି, ତାହା ହେଲେ ସେମାନଙ୍କୁ ପ୍ରାଣଦଣ୍ଡ ଦିଆଯିବ ।

ମନ୍ତ୍ରୀମାନେ ନିର୍ବାସନ ଦଣ୍ଡରୁ ମୁକ୍ତି ଦେବାପାଇଁ, ରାଜାଙ୍କ ପାଖରେ ବହୁତ କାକୁତି ମିନତି ହେଲେ । କିନ୍ତୁ ଆକବର କିଛି ଶୁଣିଲେ ନାହିଁ କି, ଟିକିଏ ବି ଦୟା ଦେଖାଇଲେ ନାହିଁ ।

ବିଚାରା ମନ୍ତ୍ରୀମାନେ ବହୁତ ମନଦୁଃଖ କଲେ । ସେମାନେ ନିଜ ନିଜର ଘର-ଦ୍ୱାର, ପରିବାର ଛାଡ଼ି ଯିବାକୁ ଜମା ଇଚ୍ଛା କରୁ ନଥିଲେ । ପୁଣି ସେମାନେ ଆକବରଙ୍କ ଦରବାରରେ ଅନେକ ବର୍ଷଧରି କାର୍ଯ୍ୟକରି ଆସିଛନ୍ତି । ଏବେ ସେମାନେ ଯିବେ କୁଆଡ଼େ ? ରହିବେ କେମିତି ? ଏଇ ପ୍ରଶ୍ନ ପରସ୍ପରକୁ ସିନା ପଚାରିଲେ , ହେଲେ ଏହାର କୌଣସି ଉତ୍ତର ପାଇ ପାରିଲେ ନାହିଁ ।

ରାଜା ଥରେ ଯାହା ଆଦେଶ ଦିଅନ୍ତି, ତାହା ଆଉ ଫେରାଇ ନିଅନ୍ତି ନାହିଁ । ତେଣୁ ଚୁପଚାପ୍ ଆଦେଶ ପାଳନ କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା ସେମାନଙ୍କର ।

ବୀରବଲ ଏଇ ଦୁଃଖଦ ଘଟଣା ଶୁଣିଲେ । ସେ ମନ୍ତ୍ରୀମାନଙ୍କୁ ସାହାଯ୍ୟ କରିବା ପାଇଁ ମନେ ମନେ ସ୍ଥିର କଲେ । ମନ୍ତ୍ରୀମାନଙ୍କୁ ଯାଇ କହିଲେ- "ଶୁଣନ୍ତୁ ! ରାଜାଙ୍କ ସହିତ ଯୁକ୍ତି କରିବାରେ ବା କୃପାଭିକ୍ଷା କରିବାରେ କିଛି ଲାଭ ନାହିଁ । ବରଂ ମୁଁ ଯାହା କହିବି ତାହା ଯଦି ଆପଣମାନେ ମାନିବେ ତାହେଲେ ହୁଏତ ଆପଣମାନେ ଏ ନିର୍ବାସନ ଦଣ୍ଡରୁ ମୁକ୍ତି ପାଇଯିବେ ।"

Digitized by srujanika@gmail.com

ଏହାଶୁଣି ମନ୍ତ୍ରୀମାନେ ଖୁବ୍ ଖୁସିହେଲେ। ଭାସିଯାଉଥିବା ଲୋକ କୁଟାଖିଏ ପାଇବା ଭଳି ମନେ କଲେ। ସେମାନେ କହିଲେ ଯେ ବୀରବଲ ଯାହା କହିବେ ତାହା ମାନିବେ। କାରଣ ସେମାନେ ଭଲ ଭାବେ ଜାଣିଥିଲେ, ବୀରବଲଙ୍କ ଛଡ଼ା, ଏ ପୃଥିବୀର ଆଉ କେହି ଏ ବିପଦରୁ ସେମାନଙ୍କୁ ରକ୍ଷା କରି ପାରିବେନି।

ବୀରବଲ କହିଲେ- 'ଆପଣମାନେ ବର୍ତ୍ତମାନ ଦିଲ୍ଲୀ ଯାଇ ଛଦ୍ମ ବେଶରେ କିଛି ମାସ ସେଠାରେ ରହନ୍ତୁ। ତାପରେ ଏଠାକୁ ଫେରିବା କ୍ଷଣି ମତେ ଦେଖା କରନ୍ତୁ। କ'ଣ କରିବାକୁ ହେବ ମୁଁ ସେତେବେଳେ କହିବି।'

ବୀରବଲଙ୍କ କଥା ଅନୁସାରେ ମନ୍ତ୍ରୀମାନେ ଦିଲ୍ଲୀଯାଇ ଛଦ୍ମବେଶରେ ପ୍ରାୟ ଏକବର୍ଷ କାଳ ରହିଲେ। ତା'ପରେ ସେମାନେ ସିଧା ବୀରବଲଙ୍କ ନିକଟକୁ ଫେରି ଆସିଲେ। ସେତେବେଳେ ବୀରବଲ ଗୋଟିଏ ସୁନ୍ଦର ଯୋଜନା ପ୍ରସ୍ତୁତ କରି ରଖିଥିଲେ।

ଠିକ୍ ତା ପରଦିନର କଥା। ଆକବର ଓ ବୀରବଲ ମିଶି ଦରବାର ନିକଟସ୍ଥ ପଡ଼ିଆରେ କଥା ହୋଇ ଚାଲୁଥିଲେ। ହଠାତ୍ ଆକବର ଗୋଟିଏ ଘଟଣା ଦେଖି ଆଶ୍ଚର୍ଯ୍ୟ ହେଲେ। ସେ ଏ କ'ଣ ଦେଖୁଛନ୍ତି....ଗୋଟିଏ ଗଛ ଡାଳରେ ତିନିଜଣ ଲୋକ ବସିଛନ୍ତି। ସମସ୍ତେ ହାତ ଉପରକୁ ଉଠାଇ ଉପରକୁ ଉଡ଼ିବା ଭଳି ହେଉଛନ୍ତି। ଆକବର ପାଖକୁ ଗଲେ ଦେଖିଲେ ସେ ତିନିଜଣ ଆଉ କେହି ନୁହନ୍ତି। ତାଙ୍କରି ଦରବାରର ନିର୍ବାସିତ ତିନି ମନ୍ତ୍ରୀ।

ସେ ଭୀଷଣ ରାଗିଗଲେ। ପାଟିକରି କହିଲେ- ତୁମ୍ଭେମାନେ ଗଛଡାଳରେ କଣ କରିବ ବୋଲି ଭାବି ବସିଛ। ଶୀଘ୍ର ତଳକୁ ଓହ୍ଲାଇ ଆସ। ମୋ ଆଦେଶ ଅବମାନନା କରିଥିବାରୁ, ମୁଁ ତୁମ୍ଭମାନଙ୍କୁ ପ୍ରାଣ ଦଣ୍ଡ ଦେବି।

Digitized by srujanika@gmail.com

ମନ୍ତ୍ରୀ ତିନି ଜଣ ତଳକୁ ଓହ୍ଲାଇ ଆସିଲେ । ରାଜାଙ୍କ ଆଗରେ ମୁଣ୍ଡ ନୁଆଁଇ ଅତି ଧୀରଭାବେ କହିଲେ- ''ମଣିମା ଆମ୍ଭେ ଆପଣଙ୍କର ଆଦେଶ ଜମା ଅମାନ୍ୟ କରିନାହୁଁ । ଆପଣ ନିର୍ବାସନ ଆଦେଶ ଦେବା ଦିନ ହିଁ ଆମେ ଏ ରାଜ୍ୟ ଛାଡ଼ିଲୁ । ଆମେ ସହରକୁ ସହର, ଗ୍ରାମକୁ ଗ୍ରାମ ବୁଲିଲୁ । ଚାରିଦିଗ ବୁଲି ଆସିଲୁ । ହେଲେ ଆପଣଙ୍କର ଏତେ ବଡ଼ ସାମ୍ରାଜ୍ୟ ଯେ, ଆମେ ତା' ବାହାରକୁ ଯିବାକୁ ସକ୍ଷମ ହୋଇ ପାରିଲୁ ନାହିଁ । ଆମେ ଅନ୍ୟ ଉପାୟ ନ ପାଇ ସ୍ଥିର କଲୁ, ଆକାଶକୁ ହେଲେ ଉଡ଼ିଯିବୁ । ଗଛରେ ଚଢ଼ିବା ହେଉଛି ତାର ପ୍ରଥମ ପଦକ୍ଷେପ ।''

ଆକବର ଏହାଶୁଣି ଜାଣିଗଲେ ଯେ, ଏହି ଚାଲାକ ଉତ୍ତର କେବଳ ବୀରବଲଙ୍କ ମୁଣ୍ଡରୁ ହିଁ ବାହାରିଛି । ସେ ଖୁସିହୋଇ ମନ୍ତ୍ରୀମାନଙ୍କୁ କ୍ଷମା ଦେଲେ । ସେମାନଙ୍କୁ ଉଆସରେ ବାସ କରିବାକୁ ଅନୁମତି ଦେଲେ । ବୀରବଲଙ୍କୁ ତାଙ୍କରି ଚତୁର ପଣିଆ ପାଇଁ ପୁରସ୍କାର ବି ଦେଲେ । ❑❑❑

Digitized by srujanika@gmail.com

ସାଞ୍ଜୁର ଶକ୍ତି

ଆଗକାଳେ ଯୁଦ୍ଧରେ ବର୍ତ୍ତମାନ ଭଳି ବନ୍ଧୁକ ବ୍ୟବହାର ହେଉ ନ ଥିଲା । ଖଣ୍ଡାରେ ହିଁ ସୈନିକମାନଙ୍କୁ ଯୁଦ୍ଧ କରିବାକୁ ପଡୁଥିଲା । ଖଣ୍ଡାର ଆଘାତରୁ ଦେହକୁ ରକ୍ଷା କରିବା ପାଇଁ ସେମାନେ ଗୋଟିଏ ଲୁହା ତିଆରି ପୋଷାକ ପିନ୍ଧୁଥିଲେ । ତା'କୁ ସାଞ୍ଜୁ କହନ୍ତି ।

ଥରେ ଜଣେ କାରିଗର ଆକବରଙ୍କୁ ଗୋଟିଏ ସାଞ୍ଜୁ ଆଣି ଉପହାର ଦେଲା ।

ଆକବର ଖୁସି ହୋଇ ଗଲେ । "ବାଃ ଖୁବ୍ ସୁନ୍ଦର ସାଞ୍ଜୁଟିଏ ତ । କିନ୍ତୁ ସତରେ କ'ଣ ଏହା ମଜବୁତ୍... ?

କାରିଗରଟି ନିଜ ହାତ ତିଆରି ସାଞ୍ଜୁ ପାଇଁ ଗର୍ବ ଅନୁଭବ କରୁଥିଲା । ତେଣୁ ଜୋର୍ ଦେଇ କହିଲା- ମଣିମା ଆପଣ ସାଞ୍ଜୁର ଶକ୍ତି ପରୀକ୍ଷା କରି ଦେଖନ୍ତୁ ।

ଆକବର ରକ୍ଷୀକୁ ଡାକି ପରୀକ୍ଷା କରିବାକୁ କହିଲେ- "ଏଇ ସାଞ୍ଜୁଟିକୁ ଏହି ମୂର୍ତ୍ତି ଦେହରେ ପିନ୍ଧାଇ ଦିଅ । ତାପରେ ଖଣ୍ଡାରେ ତୁମେ ଯେତେ ଜୋର୍‌ରେ ପାରୁଛ ସେତେ ଜୋରରେ ଆଘାତ କର । ତା'ପରେ ହିଁ ପ୍ରକୃତରେ ଜଣା ପଡ଼ିବ ସାଞ୍ଜୁର ଶକ୍ତି କେତେ?" ଆଦେଶ ଅନୁସାରେ ରକ୍ଷୀ ବି ଠିକ୍ ସେମିତି କଲା ।

କେଇ ମିନିଟ୍ ଜୋର୍‌ରେ ଆଘାତ କରିବା ପରେ ମୂର୍ତ୍ତି ଓ ସାଞ୍ଜୁ ଉଭୟେ ଧୂଳିସାତ୍ ହେଲେ ।

Digitized by srujanika@gmail.com

ଆକବର ଏହା ଦେଖି ଭୀଷଣ ରାଗିଗଲେ । କହିଲେ- ‘‘ଯଦି ମୁଁ ଏହି ସାଞ୍ଜୁ ପିନ୍ଧି ଯୁଦ୍ଧକୁ ଯାଇଥାନ୍ତି ନିଶ୍ଚୟ ମୋର ଜୀବନହାନି ଘଟିଥାନ୍ତା ।’’

ଗରିବ କାରିଗର ବିଚରା ଏହାଦେଖି ବହୁତ ମନଦୁଃଖ କଲା । ଲଜ୍ଜିତ ହେଲା ମଧ୍ୟ । ସେ ତା’ର ସାଞ୍ଜୁପାଇଁ ଏତେ ଗର୍ବବୋଧ କରୁଥିଲା ଯେ, ପଡୋଶୀମାନଙ୍କୁ ତାହା ଦେଖାଇବା ପାଇଁ ରାଜଦରବାରକୁ ଡାକି ଆଣିଥିଲା । ସେମାନେ ରାଜାଙ୍କଠାରୁ ପ୍ରଶଂସା ଶୁଣିବା ପାଇଁ, ଅତି ଆତୁରରେ ଅପେକ୍ଷା କରିଥିଲେ ।

କାରିଗରଟି ମନେ ମନେ ଭାବିଲା- ସମସ୍ତଙ୍କ ଆଗରେ ଆଜି ମୁଁ ସତରେ କେଡ଼େ ବୋକା ବନିଗଲି । ସେ ରାଜାଙ୍କୁ ଅତି ନମ୍ରତାର ସହ କହିଲା- ‘‘ମଣିମା ! ମତେ ଦୟାକରି ଆଉ ଗୋଟିଏ ସାଞ୍ଜୁ ତିଆରି କରିବା ପାଇଁ ସୁଯୋଗ ଦିଅନ୍ତୁ ।’’

ଆକବରଙ୍କ କ୍ରୋଧ ଶାନ୍ତ ପଡ଼ିଲା । ସେ କହିଲେ - ‘‘ଠିକ୍ ଅଛି କିନ୍ତୁ ସାବଧାନ୍ । ଦେଖ ଏଥର ଯେମିତି ପୂର୍ବଥରର ଅବସ୍ଥା ନ ହୁଏ ।’’

ଏସବୁ ଦୃଶ୍ୟ ବୀରବଲ ବସି ଦେଖୁଥିଲେ । ସେ ବହୁତ ମନଦୁଃଖ କଲେ । କାରଣ ବିଚରା କାରିଗରଟି ଅନେକ ପରିଶ୍ରମ, ଅର୍ଥ ଓ ସମୟ ଦେଇ ସାଞ୍ଜୁଟି ତିଆରି କରିଥିଲା କିଛି ପାଇବା ଆଶାରେ, ଅଥଚ ସେ ପାଇଲା କ’ଣ ?

କାରିଗରଟି ଦରବାରରୁ ମୁହଁ ଶୁଖାଇ ଘରକୁ ଫେରିଲା ପରେ ବୀରବଲ ତା ପାଖକୁ ଗଲେ । କହିଲେ- ‘‘ଏଇ ନିଅ, ଏତିକି ଟଙ୍କା ରଖ । ନୂଆ ସାଞ୍ଜୁ ତିଆରିରେ ଖର୍ଚ୍ଚ କରିବ । ଯେତେବେଳେ ସେଇଟି ସଂପୂର୍ଣ୍ଣ ହେବ, ସେତେବେଳେ ତାହା ରାଜାଙ୍କୁ ଦେବା ପୂର୍ବରୁ ମତେ ଦେଖାଇବ ଥରେ ।’’

Digitized by srujanika@gmail.com

କାରିଗରଟି ବୀରବଲଙ୍କ ପ୍ରତି କୃତଜ୍ଞତା ଜଣାଇ ବହୁତ ଖୁସିହେଲା । ତାଙ୍କରି କଥା ଅନୁସାରେ କାମ କରିବ ବୋଲି ପ୍ରତିଶ୍ରୁତି ଦେଲା । କିଛି ସପ୍ତାହ ବିତିଗଲା, କାରିଗରଟି ନୂଆ ସାଞ୍ଜୁ ତିଆରି କରି ବୀରବଲଙ୍କୁ ଦେଖାଇଲା । ତାପରେ ରାଜାଙ୍କ ନିକଟକୁ ନେଇକି ଗଲା ।

ଆକବର ସାଞ୍ଜୁଟିକୁ ଦେଖିଲେ । ପୂର୍ବଥର ଭଳି ପରୀକ୍ଷା କରିବାକୁ ରକ୍ଷୀକୁ କହିଲେ । କିନ୍ତୁ କାରିଗରଟି ଅନୁରୋଧ କଲା ଯେ, ସାଞ୍ଜୁଟି ମୂର୍ତ୍ତିକୁ ପିନ୍ଧାଇବା ବଦଳରେ ସେ ନିଜେ ପିନ୍ଧିବ ।''

ଆକବର କହିଲେ ତାହାଦ୍ୱାରା ସେ ଆଘାତ ପାଇବ । କାରିଗରଟି କହିଲା- ''ସେଥିରେ କିଛି ଯାଏ, ଆସେ ନା'' । କାରିଗରଟି ସାଞ୍ଜୁ ପିନ୍ଧିଲା ।

Digitized by srujanika@gmail.com

ରକ୍ଷୀ ଯେତେବେଳେ ଖଣ୍ଡାରେ ସାଞ୍ଜୁକୁ ଆଘାତ କରିବାକୁ ଉଦ୍ୟତ ହେଲା, ସଙ୍ଗେ ସଙ୍ଗେ କାରିଗର ଗୋଟାଏ ଖଣ୍ଡା ବାହାର କରି ତାର ପ୍ରତିରୋଧ କଲା ।

ଏହାଦେଖି ଆକବର ଅବାକ୍ ହେଲେ । ପଚାରିଲେ- ‘‘ତମେ ଏ କ’ଣ କରୁଛ......?’’

କାରିଗରଟି କହିଲା- ‘‘ମଣିମା କ୍ଷମା କରିବେ । ଯୁଦ୍ଧବେଳେ ଆପଣ ଆକ୍ରମଣ କରିବାକୁ ଆସୁଥିବା ବ୍ୟକ୍ତିକୁ, ନିଶ୍ଚୟ ପ୍ରତିରୋଧ କରିବେ । ଏମିତି କ’ଣ ମୂର୍ତ୍ତି ଭଳି ଚୁପ୍‌ଚାପ୍ ଠିଆ ହୋଇ ଆଘାତ ସହିବେ ଯେ, ସାଞ୍ଜୁ ଖଣ୍ଡ ଖଣ୍ଡ ହେବାର ଭୟଥିବ ।

ଆକବର ବୁଝିଲେ ଏହା ଠିକ୍ କଥା ତ । ପୁଣି ଆଉ ଗୋଟିଏ ସାଞ୍ଜୁ ତିଆରି କରିବା ପାଇଁ କହି ସେ କାରିଗର ପ୍ରତି ଅନ୍ୟାୟ କରିଛନ୍ତି । ସେ କାରିଗରକୁ ବହୁତ ସୁନା ଟଙ୍କା ଉପହାର ଦେଲେ । ଜାଣିଲେ ଏ ବୁଦ୍ଧି ବୀରବଲଙ୍କ ଛଡ଼ା ଆଉ କାହାର ନୁହେଁ ।

❑❑❑

Digitized by srujanika@gmail.com

ଅସାଧୁ ବ୍ୟବସାୟୀ

ଦିଲ୍ଲୀ ନଗରୀରେ ଦୁଇଜଣ ଶସ୍ୟ ବ୍ୟବସାୟୀ ବାସ କରୁଥିଲେ । ଜଣକ ନାଁ ରଘୁରାମ ଓ ଅନ୍ୟ ଜଣକ ନାଁ ରାଜାରାମ । ସେମାନଙ୍କ ଭିତରେ ପ୍ରତିଯୋଗିତା ଜମା ନ ଥିଲା । ଦୁହେଁ ଥିଲେ ପରମ ମିତ୍ର ।

ଦିନେ ରାଜାରାମ, ରଘୁରାମକୁ କିଛି ଟଙ୍କା ଧାର ଦେବାପାଇଁ ଅନୁରୋଧ କଲା, କହିଲା-"ମୁଁ କେତେଗୁଡ଼ିଏ ଅତି ସୁନ୍ଦର ଅଳଙ୍କାର ଦେଖିଛି । ତା'ର ଦର ବି କଷାକଷି ସରିଛି । ମୁଁ ସେଗୁଡ଼ିକ ମୋ ସ୍ତ୍ରୀକୁ ଉପହାର ଦେବାକୁ ଚାହେଁ । ମୋର ଏ ମାସରେ ଅତ୍ୟଧିକ ଖର୍ଚ୍ଚ ଯୋଗୁ କିଛି ସଞ୍ଚୟ କରି ପାରି ନାହିଁ । ତୁମେତ ଜାଣ, ଘର ମରାମତିରେ ମୋର ଅଜସ୍ର ଟଙ୍କା ପାଣି ଭଳି ଖର୍ଚ୍ଚ ହୋଇଗଲା ।"

ରଘୁରାମ ଏସବୁ ଶୁଣି ବିନା ବିଚାରରେ ଟଙ୍କା ଧାର ଦେବାପାଇଁ ରାଜି ହୋଇଗଲା । ସଙ୍ଗେ ସଙ୍ଗେ ବି ଟଙ୍କା ଗଣି ଦେଇଦେଲା । କହିଲା- "ତୁମ ନିର୍ବାଚିତ ଗହଣା ତୁମ ସ୍ତ୍ରୀଙ୍କର ନିଶ୍ଚୟ ପସନ୍ଦ ହେବ ।"

କିନ୍ତୁ ରଘୁରାମର ସ୍ତ୍ରୀ ଏହା ଶୁଣି ଖୁବ୍ ପାଟିତୁଣ୍ଡ କଲା । ସେ କହିଲା- "ତୁମଠୁ ବୋକା ଆଉ କ'ଣ କିଏ ଅଛି ? ତୁମେ ଲିଖିତ ଆକାରରେ କିଛି ନ ରଖି, ଏତେ ଗୁଡାଏ ଟଙ୍କା ଦେଇଦେଲ । ଯଦି ସେ ଟଙ୍କା ନ ଫେରାଏ । ତୁମଠି କ'ଣ ପ୍ରମାଣ ଅଛି ଯେ ସେ ଟଙ୍କା ଧାର ନେଇଛି ବୋଲି ?

ରଘୁରାମ ହସି ହସି ଜବାବ ଦେଲା- "ଏତେ ଛୋଟ ଲୋକ ନୁହେଁ ରାଜାରାମ । ଏତେ ବର୍ଷ ଧରି ପରିଚୟ ଥିବା ଜଣେ ଲୋକକୁ

Digitized by srujanika@gmail.com

ଯଦି ମୁଁ ବିଶ୍ୱାସ ନ କରେ, ତେବେ ଆଉ କାହା ଉପରେ ବିଶ୍ୱାସ ରଖିବି କହିଲ ...?? ।

ଏ ଭିତରେ କେତେ ମାସ ବିତିଗଲା । ରାଜାରାମ ଆଉ ଟଙ୍କା ଫେରାଇବାର ନାଁ ଗନ୍ଧ ବି ଧରିଲା ନାହିଁ । ଯେତେବେଳେ ଦେଖାହେଲା ପାଣିପାଗ ତଥା ଶସ୍ୟ ଦର ବିଷୟରେ ପଦେ ଅଧେ କଥା ହୋଇ ଚାଲିଗଲା । କିନ୍ତୁ ଧାର ଟଙ୍କା ଫେରାଇବା କଥା ଉଠାଇଲା ନାହିଁ ।

ରଘୁରାମର ସ୍ତ୍ରୀ ପରିହାସ କରି କହିଲା ଯେ, ସେ କ'ଣ ଏମିତି ହେବ ବୋଲି ଆଗରୁ କହି ନ ଥିଲା ..... ।

ଶେଷରେ ରଘୁରାମ ସ୍ଥିର କଲା - ସେ ତା'ର ଧାର ଟଙ୍କା ରାଜାରାମକୁ ମାଗିବ । ମାଗିଲା ମଧ୍ୟ ।

ରାଜାରାମ କହିଲା- ''ଧାର...... କି ଧାର..... କିଏ ନେଇଥିଲା.... କେବେ- ମୁଁ କିଛି ଜାଣେନା ।''

ରଘୁରାମ କାନମୁଣ୍ଡ ଆଉଁସି ଫେରିଲା । ଏତେ ଗୁଡାଏ ଟଙ୍କା ଏମିତି ପାଣିରେ ପଡ଼ିଯିବ ? ନା-ଯା ପାଇଁ କିଛି ଗୋଟାଏ କରିବାକୁ ପଡ଼ିବ ।

ସେ ସନ୍ଧ୍ୟାରେ ବୀରବଲଙ୍କ ସହ ସାକ୍ଷାତ୍ କରି ସବୁ କଥା କହିଲା । ବୀରବଲ ଦୁଇଜଣ ବ୍ୟବସାୟୀଙ୍କୁ ଦରବାରକୁ ଡକାଇଲେ । ସବୁ କିଛି ଶୁଣିଲେ । ଧାର ନେବାର ଲିଖିତ ପ୍ରମାଣ ନ ଥିବାରୁ, କିଛି ସାହାଯ୍ୟ କରି ପାରିବେ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଲେ । ବିଚରା ରଘୁରାମ ମନ ଦୁଃଖରେ ଘରକୁ ଫେରିଲା ।

ତା'ପରଦିନ ପୁଣି ଦୁଇଜଣଙ୍କୁ ବୀରବଲ ଡକାଇଲେ ।

ସେମାନଙ୍କୁ କହିଲେ-''ମୋ ପାଖରେ କେତେ ଗୁଡ଼ିଏ ବଳକା ଶସ୍ୟ ବସ୍ତା ରହିଯାଇଛି । ମୁଁ ତୁମ ଦୁଇଜଣଙ୍କୁ ଗୋଟିଏ ଲେଖାଏଁ ବସ୍ତା

Digitized by srujanika@gmail.com

ଦେଉଛି । ମୋ ପାଇଁ ଦୁହେଁ ସେଇତକ ବିକି ଦେବ, ସେଥିପାଇଁ ମୋ ଲାଭରୁ କିଛି ଅଂଶ ତୁମେମାନେ ପାଇବ ।''

ବିକ୍ରୀ କରୁ କରୁ ଯେତେବେଳେ ବସ୍ତାର ଶସ୍ୟ ଶେଷ ହେବାକୁ ଲାଗିଲା-ଦେଖାଗଲା ବସ୍ତାରେ ଗୋଟିଏ ସୁନା ମୋହର ଅଛି । ରଘୁରାମ ଭାବିଲା ବୋଧେ ବୀରବଲ ଭୁଲରେ ଏଇଟିକୁ ଛାଡ଼ି ଦେଇଛନ୍ତି । ସେ ଗଲା ବୀରବଲଙ୍କୁ ସୁନା ମୋହରଟି ଫେରାଇ ଦେବାପାଇଁ । କିନ୍ତୁ ରାଜାରାମ ସେଇଟିକୁ ଲୋଭରେ ଲୁଚାଇ ଦେଲା ନିଜର ଟଙ୍କା ବାକ୍ସରେ ।

ଶସ୍ୟର ମୂଲ୍ୟ ଦେବାବେଳେ ବୀରବଲ ରାଜାରାମକୁ ପଚାରିଲେ- ''ତୁମେ ଶସ୍ୟ ଛଡ଼ା ଆଉ କିଛି ବସ୍ତାରୁ ପାଇ ନାହଁ.... ?

Digitized by srujanika@gmail.com

କିଛି ନ ଜାଣିବାର ଅଭିନୟ କଲା ରାଜାରାମ । ବୀରବଲ ଦରବାରର ଜଣେ କର୍ମଚାରୀକୁ ଡାକି କାନରେ କଣ କହିଲେ ।

କର୍ମଚାରୀଟି ରାଜାରାମର ପୁଅ ଓ ଟଙ୍କା ବାକ୍ସ ଧରି ପହଞ୍ଚିଲା ।

ବୀରବଲ ଦେଖିଲେ ଗୋଟିଏ ସୁନା ମୋହର ଅଛି ବାକ୍ସରେ । ପଚାରିଲେ-''ଏଇ ସୁନା ମୋହର କେଉଁଠୁ ପାଇଲ ।''

ପୁଅ କହିଲା- ''ଆପଣ ଦେଇଥିବା ଶସ୍ୟ ବସ୍ତା ତଳୁ ମୋ ବାପା ପାଇଲେ ।''

ମତେ କାହିଁକି ଫେରାଇଲନି ?

ମୁଁ ଫେରାଇବା କଥା କହିବାରୁ ବାପା କହିଲେ ଯେ, ଯିଏ ଯାହା ପାଏ ସେ ହିଁ ତାର ମାଲିକ ।

ବୀରବଲ ରାଗି କହିଲେ- 'ଆଚ୍ଛା ! ଏପରିକି ଋଣ ନେଇଥିବା ବ୍ୟକ୍ତି ହିଁ ଧାର ଟଙ୍କାର ମାଲିକ ନା....' ?

ରାଜାରାମ ବୀରବଲଙ୍କ ଗୋଡ଼ତଳେ ପଡି କ୍ଷମା ମାଗିଲା । ରଘୁରାମର ଟଙ୍କା ସୁଧ ସହ ଫେରାଇଦେଲା ଚୁପ୍‌ଚାପ୍ ।

ଏମିତି ବୀରବଲଙ୍କ ଚତୁରତାରୁ ସିନା, ରଘୁରାମ ତା'ଟଙ୍କା ଫେରି ପାଇଲା ।

□□□

Digitized by srujanika@gmail.com

ସାଧୁ ବଣିଆ

ଥରେ ଦୁଇଜଣ ଠକ ଗୋଟିଏ ସୁନା ଦୋକାନକୁ ଗଲେ । ସେଇ ଦୋକାନର ବଣିଆଟି ନିଜର ସାଧୁତା ପାଇଁ ସାରା ଆଗ୍ରା ସହରରେ ବେଶ୍ ପରିଚିତ ।

ଠକ ଦୁଇଟି କହିଲେ, ‘‘ଆମେ ଦୁହେଁ ପୃଥିବୀର ଅନେକ ଦେଶ ବୁଲି ଆସିଛୁ । ଆମଠି ଅତି ଦୁର୍ଲଭ ତଥା ସୁନ୍ଦର ଅଳଙ୍କାର କେଇଟି ଅଛି । ତୁମେ ସେଗୁଡ଼ିକ କିଣିବ କି ?’’

ବଣିଆଟି ଅଳଙ୍କାର ଗୁଡ଼ିକ ଦେଖି କହିଲା- ‘‘ଦେଖ । ମୁଁ ଏଗୁଡ଼ିକ କିଣିବି । କିନ୍ତୁ ମୁଁ ବର୍ତ୍ତମାନ ଏହାର ମୂଲ୍ୟ କହିପାରୁନି । ଏଗୁଡ଼ିକ ମୋ ପାଖରେ ଥାଉ । ପରେ ମୁଁ ନିଷ୍ପତ୍ତି ନେଇ କହିବି ।’’

ଠକ ଦୁହେଁ କହିଲେ - ‘‘ଠିକ୍ ଅଛି । କିନ୍ତୁ ଯଦି ତୁମେ ନ କିଣିବାର ନିଷ୍ପତ୍ତି ନିଅ, ଆମେ ଦୁଇଜଣ ଆସିଲେ ହିଁ ଫେରାଇବ ନଚେତ୍ ନୁହେଁ ।

ସେମାନେ ଯିବାର ଅଳ୍ପ କେଇ ମିନିଟ୍ ପରେ ଜଣେ ଠକ ଫେରି ଆସି ବଣିଆକୁ କହିଲା- ଆମେ ଠିକ୍ କଲୁ ଯେ ଅଳଙ୍କାରଗୁଡ଼ିକୁ ଆଉ ବିକିବୁ ନାହିଁ । ତେଣୁ ଦୟାକରି ମତେ ଫେରାଇ ଦିଅ ।

ବଣିଆ ଆଶ୍ଚର୍ଯ୍ୟ ହୋଇ କହିଲା- ତୁମେ ଦୁହେଁ ଏଇ କେଇ ମିନିଟ୍ ଆଗରୁ କହିଗଲ ଯେ, ଦୁହେଁ ମିଶି ନ ଆସିଲେ ଅଳଙ୍କାର ଫେରାଇବନି ?

ଠକଟି କହିଲା-‘‘ନା ନା ସେଥିପାଇଁ ଜମା ବ୍ୟସ୍ତ ହୁଅ ନାହିଁ । ଏଇ ଦେଖ । ମୋର ବନ୍ଧୁଟି ଏଇ ରାସ୍ତା ଶେଷରେ ଠିଆ ହୋଇ ଆମ

Digitized by srujanika@gmail.com

ଆଡ଼େ ଚାହୁଁଛି । ସେ ଜାଣେ ମୁଁ ଅଳଙ୍କାର ଫେରାଇ ନେବା ପାଇଁ ହିଁ ଆସିଛି ।''

ବଣିଆଟି ମହା ଅଡୁଆରେ ପଡ଼ିଲା । କ'ଣ କରିବ କିଛି ଠିକ୍ କରି ପାରିଲା ନାହିଁ । ଶେଷରେ ଅଳଙ୍କାରଗୁଡ଼ିକ ଠକଟିକୁ ଫେରାଇ ଦେଲା ।

ଦଶ ମିନିଟ୍ ବିତିଛି କି ନାହିଁ ଅନ୍ୟ ଠକଟି ହାଜର । ସେ କହିଲା- ''ଆମେ ଠିକ୍ କଲୁ, ଅଳଙ୍କାରଗୁଡ଼ିକ ଆଉ ବିକିବୁ ନାହିଁ । ମତେ ସେଗୁଡ଼ିକ ଦୟାକରି ଫେରାଇ ଦିଅ ।''

ବଣିଆଟି ଏହାଶୁଣି କହିଲା- ''ମୁଁ ଏଇକ୍ଷଣି ତୁମ ବନ୍ଧୁଙ୍କୁ ସବୁ ଅଳଙ୍କାର ଫେରାଇ ଦେଲି । ତୁମେ ତ ମାତ୍ର କେଇ ପାଦ ଦୂରରେ ଠିଆ ହୋଇ ଦେଖୁଥିଲ ମୁଁ ଅଳଙ୍କାର ଫେରାଇବାର.. ।

ମିଛୁଆ ....ଚୋର.... ଠକ କହି ଠକଟି ପାଟିକଲା ଜୋରରେ । ରାସ୍ତାରେ ଯାଉଥିବା ଲୋକେ ଆସି ରୁଣ୍ଡ ହେଲେ । ବିଚରା ସାଧୁ ବଣିଆଟି ସେତେବେଳକୁ ଲଜ୍ଜାରେ ଝାଉଁଳି ଗଲାଣି । ସେ ଆଗ୍ରାରେ ବେଶ କେଇବର୍ଷ ଧରି ସୁନା ବ୍ୟବସାୟ କରି ଆସିଛି । ତା' ଜାଣିବାରେ କେହି କେବେ ତାକୁ ଚୋର କହି ନାହାନ୍ତି ଅଥଚ ଆଜି.... ।'

ଠକଟି, ବଣିଆକୁ ରାଜଦରବାରକୁ ଧରିନେଲା ।

ସେଠାରେ ବୀରବଲ ଆଶ୍ଚର୍ଯ୍ୟ ହେଲେ ଏଇ ସଚ୍ଚୋଟ ବୃଦ୍ଧ ବଣିଆକୁ ଦେଖି । ପୁଣି ଗୋଟାଏ ଅତି କଦାକାର ଦିଶୁଥିବା ଲୋକ ସହିତ । ଏଇ ବଣିଆଟି ରାଜପରିବାରର ମହିଳାମାନଙ୍କ ପାଇଁ ବିଭିନ୍ନ ସମୟରେ ସୁନ୍ଦର ସୁନ୍ଦର ଅଳଙ୍କାର ତିଆରି କରି ପ୍ରଶଂସିତ ହୋଇଛି ଅନେକ ଥର । ବୀରବଲଙ୍କ ସ୍ତ୍ରୀଙ୍କ ପାଇଁ ମଧ୍ୟ ଅଳଙ୍କାର ତିଆରି କରିଛି । ପୁଣି ସାଧୁତାପାଇଁ ସେ ବେଶ୍ ପରିଚିତ ।

Digitized by srujanika@gmail.com

ବୀରବଲଙ୍କୁ ଦେଖି ବଣିଆଟି ଗୋଡ଼ ତଳେ ପଡ଼ିଯାଇ ସବୁ କଥା କହିଲା । କାନ୍ଦି କାନ୍ଦି ସଫେଇ ଦେଲା ।

କିନ୍ତୁ ଠକଟି ବଡ଼ ଜୋରରେ ପାଟିକରି କହିଲା- ମିଛୁଆ ଚୋର...ଠକ ।



ବୀରବଲ ଶାସନ କଲାଭଳି କହିଲେ- "କାହିଁକି ଏତେ ପାଟି କରୁଛ ? ତୁମେ ଦୁହେଁ କହିଥିଲ ଯେ, ତୁମେ ଦୁହେଁ ଏକାଠି ଆସିଲେ ହିଁ ଅଳଙ୍କାର ଫେରାଇବା ପାଇଁ.... ନା ?

ଠକ ଉତ୍ତର ଦେଲା- "ଆଜ୍ଞା ... ହଁ... ।

ବୀରବଲ କହିଲେ "ତାହେଲେ ଠିକ୍ ଅଛି । ବଣିଆ ଏଇଠି ତୁମକୁ ଅପେକ୍ଷା କରିଛନ୍ତି । ତୁମେ ଯାଇ ତୁମ ବନ୍ଧୁକୁ ନେଇ ଆସ । ଏଇଠି ମୋ ଆଗରେ ତୁମ ଦୁହିଁଙ୍କୁ ସେ ଅଳଙ୍କାର ଫେରାଇବେ ।

Digitized by srujanika@gmail.com

ଠକଟି ଭଲ ଭାବେ ଜାଣିଥିଲା ଯେ- ସେ କହିଥିବା ମିଛ କଥାକୁ ବୀରବଲ ଜମା ବିଶ୍ୱାସ କରି ନାହାନ୍ତି । ସେ ମନେ ମନେ ଭାବିଲା- ଯଦି ଦୁହେଁ ପୁଣି ଏଠାକୁ ମିଶି ଆସିବେ, ତେବେ ବୀରବଲ ଦୁହିଁଙ୍କୁ ଧରି ଜେଲ୍‌ରେ ନିଶ୍ଚୟ ଭର୍ତ୍ତି କରିଦେବେ ।

ସେ ପାଟିକରି କହିଲା-''ହଁ ଆଜ୍ଞା, ମୁଁ ଯାଉଛି - ମୋର ବନ୍ଧୁକୁ ନେଇ ଆସିବି ।''

ସେ ଦିନଠୁଁ ଆଗ୍ରାରେ, ସେ ଠକ ଦୁହିଁଙ୍କୁ ଆଉ କେହି ଦେଖିବାକୁ ପାଇନାହାନ୍ତି ।

❑❑❑

Digitized by srujanika@gmail.com